# Akashvani, Sambalpur

## SAMBALPURI NEWS MORNING BULLETIN

## 8 September 2026 - 6.47- 6.52 am.

---

ରାଜ୍ୟ କେବିନେଟ୍        ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ଇଥି ୧୨ ଟା ବିଭାଗ୍‌ର ୧୮ ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । କେବିନେଟ୍ ନିଷ୍ପତି ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍,

(ଭଏସ୍ ଓଭର୍- ଅନୁ ଗର୍ଗ)

ରାଏଜେ ଆଏବା ୫ ବଛ୍‌ରେ ୮ ହଜାର୍ ୬ ଶହ ୫୩ କୋଟି ଟଙ୍କା ଖର୍ଚ୍ଚା କରାଯାଇଯାଇକରି ଦେଢ୍ ଲାଖ୍ ଗଭୀର ନୂଳକୂପ ଥାପ୍‌ନା କରାଯିବା । ଗାଁ ମାନ୍‌କେ ପାଏନ୍ ପହଁଚାବାର୍ ଲକ୍ଷ୍ୟଥି ସଂଶୋଧିତ୍ ବସୁଧା ଯୋଜ୍‌ନାକେ ଅନୁମୋଦନ୍ ମିଲିଛେ । ଇ

ଯୋଜ୍‌ନାଥି ୨୦୨୬-୨୭ ମସିହାନୁ ୨୦୨୮-୨୯ ଭିତ୍‌ରେ ୫ ହଜାର୍ ୪୫ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ରାଏଜେ ବିଦ୍ୟୁତ୍ ସଂଚାରଣ୍ ଭିତିଭୂମିକେ ସଶକ୍ତ ଆଉ ବଢ଼ାବାର୍ ଲାଗି ୧୫ ହଜାର୍ ୯ ଶହ ୪୮ କୋଟି ୭୦ ଲାଖ୍ ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍‌କେ କେବିନେଟ୍ ଅନୁମୋଦନ୍ ଦେଇଛେ । ଶିଳ୍ପକେ ପ୍ରୋତ୍ସାହନ୍ ଦେବାର୍ ଲାଗି ଅନୁକୂଳ ବାତାବରଣ୍ ସୃଷ୍ଟି କର୍‌ବାର୍‌କେ ଜନବିଶ୍ୱାସ ୨.୦ ବିଲ୍ କେ ମଞ୍ଜୁରୀ ମିଲିଛେ । ଓଡ଼ିଶା ୟନିଫର୍ମ ସେବା କର୍ମଚାରୀ ଚୟନ ନିୟମାବଳୀ-୨୦୨୫ର ସଂଶୋଧନ୍ ପ୍ରସ୍ତାବ୍ ଗୃହୀତ୍ ହେଇଛେ ।

ଇ ସଂଶୋଧନ୍‌ଥି ୟୁନିଫର୍ମ ସେବା ମାନ୍‌କୁ ଗୁଟେ କରିକରି ନିଯୁକ୍ତି ପରୀକ୍ଷା ପରିଚାଳନା କରାଯିବା । ସର୍‌କାରୀ ପ୍ରକ୍ରିୟା ଲାଗି ପେନ୍‌ସନ୍ ମିଲ୍‌ବାର୍‌ଥି ଡେରି ହେଲେ ଆବେଦନ୍‌କାରୀମାନେ ୭ ପ୍ରତିଶତ୍ ସୁଧ ପାଏବେ । ଇ ବାବ୍‌ଦେ ଗୁଟେ ପ୍ରସ୍ତାବ୍‌କେ କେବିନେଟ୍‌ଥି ମଞ୍ଜୁରୀ ମିଲିଛେ ।

ମୁଖ୍ୟମନ୍ତ୍ରୀ-ୟୁଏଇ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ଠାନୁ ୫ ଦିନିଆ ସଂଯୁକ୍ତ ଆରବ ଏମିରେଟ୍ସ -ୟୁଏଇ ଗସ୍ତଥି ଯାଉଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ନ ପୁଞ୍ଜିନିବେଶ୍ ଲାଗି ଭିନ୍ ଭିନ୍ ନିବେଶକ ଆଉ ଶିଳ୍ପପତି ମାନ୍କର୍ ସାଙ୍ଗେ ଆଲୋଚନା କର୍ବେ । ଇତାର୍ସହେତେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ୍ କରିକରି ଓଡ଼ିଶାର୍ ବିକାଶ୍ମୂଲକ୍ ପଦକ୍ଷେପ୍, ଓଡ଼ିଆ-ୟୁଏଇ ବାଣିଜ୍ୟିକ ଆଉ ସାଂସ୍କୃତିକ ସମ୍ପର୍କ ଦୃଢ଼ିକରଣ୍ ବାଗିର୍ କାର୍ଯ୍ୟକ୍ରମ୍ଥି ସାମିଲ୍ ହେବେ । ୧୧ ତାରିଖ୍ ଦିନ ଦୁବାଇ ନ ମୁଖ୍ୟମନ୍ତ୍ରୀ ଓଡ଼ିଶା ବିଜ୍ନେସ୍ ଇନ୍ଭେଷ୍ଟର୍ ମିଟ୍ଥି ଉଦ୍ୟୋଗ୍ପତି ଆଉ ଶିଳ୍ପପତିମାନ୍କୁ ଭେଟିକରି ଓଡ଼ିଶା ନ ପୁଞ୍ଜିନିବେଶ୍ ଲାଗି ରହିଥିବା ବହୁତ୍ଟେ ସମ୍ଭାବନା ବାବ୍ଦେ ଆଲୋଚନା କର୍ବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ ଆଉ ଅଲ୍ଗା ବରିଷ୍ଠ ଅଧିକାରୀମାନେ ୟୁଏଇ ଗସ୍ତ କରୁଛନ୍ ।

ରାଜସ୍ୱ ମନ୍ତ୍ରୀ- ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ରାଜସ୍ୱ ବିଭାଗ୍‌ର ଭିନ୍ ଭିନ୍ ପ୍ରମୁଖ୍ ଯୋଜ୍‌ନା ଆଉ ନାଗରିକ୍ କୈନ୍ଦ୍ରିକ ସେବା ମାନ୍‌କର୍ କାର୍ଯ୍ୟକାରିତା ବାବ୍‌ଦେ ଗୁଟେ ଉଚା ଦର୍‌ଜାର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ବୈଠକ୍‌ଥି ଅଧକ୍ଷତା କରିକରି ଭିନ୍ ଭିନ୍ ଜିଲ୍ଲା ଆଉ ଅଲ୍‌ଗା ରାଏଜ୍ ମାନ୍‌କେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ସବୁ ସମ୍ପତିର୍ ସୁରକ୍ଷା ଆଉ ପୁନରୁଦ୍ଧାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ବୁଝାମଣାପତ୍ର        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍ ଜାତୀୟ ଆଉ ରାଜ୍ୟ ରାଜ୍‌ପଥ୍ ମାନ୍‌କର୍ ପାଖେ ତିଆରି ହେଉଥିବା ଅତ୍ୟାଧୁନିକ୍ ଟ୍ରକ୍ ଟର୍ମିନାଲ୍ ମାନ୍‌କର୍ ସୁପରିଚାଳନା ଆଉ ରକ୍ଷଣାବେକ୍ଷଣ୍ ଲାଗି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଆର୍ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ଭିତ୍‌ରେ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ସଚିବ ଏନ୍.ବି.ଏସ୍. ରାଜ୍‌ପୁତ୍, ପରିବହନ୍ କମିଶନର୍ ଅମିତାଭ୍

ଠାକୁର ଆଉ ଆଇଓସିଏଲ୍‌ର ରାଜ୍ୟମୁଖ୍ୟ କମଲ୍‌ସି ରାଉତ୍‌ଙ୍କର୍ ଉପସ୍ଥିତିଥି ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ବୁଝାମଣାପତ୍ର ଅନ୍‌ସାରେ ଆଇଓସିଏଲ୍ ଇ ଟ୍ରକ୍ ଟର୍ମିନାଲ୍ ମାନ୍‌କର୍ ପରିଚାଳନା, କାର୍ଯ୍ୟଦକ୍ଷତା ଆଉ ରକ୍ଷଣାବେକ୍ଷଣ୍ ଦାୟିତ୍ୱ ନେବେ ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ଥାପ୍‌ନା ଦିବସ୍/ ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍‌ର ୪୪ ନମ୍ବର୍ ଥାପ୍‌ନା ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ କୋଟ୍‌ପାଡ଼୍ ବିଧାୟକ୍ ରୂପୁ ଭତ୍ରା ଯୋଗ୍ ଦେଇଥିବାର୍ ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଆଉ ଗଣଶିକ୍ଷା ଆୟୁକ୍ତ ଡକ୍ଟର୍ ଏନ୍. ତିରୁମାଲା ନାଏକ୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ସଚିବ କହିଛନ୍, ଜାତୀୟ ଶିକ୍ଷାନୀତିକେ ସଫଲ୍ କର୍‌ବାର୍ ଲାଗି ପହେଲା ରାଏଜେ ଥିବା ମାଧ୍ୟମିକ ଶିକ୍ଷାବୋର୍ଡ଼୍ ଆଉ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍‌କେ ମିଶାୟିବା । ୯ ନୁ ୧୨ ଶ୍ରେଣୀକେ ନେଇକରି ଗୁଟେ ବୋର୍ଡ଼୍ କରାୟିବା । ଇତାକେ ଜଲ୍‌ଦି ଲାଗୁ କର୍‌ବାର୍‌କେ ପ୍ରକ୍ରିୟା ମୁଲ୍ ହେଇଛେ ବଲି ସେ କହିଛନ୍ ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ସମାଜ୍‌ର ସଁ ଲୋକ୍‌କେ ସାକ୍ଷର୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇକରି ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ ପାଲନ୍ କରାଯାଉଛେ । ସାକ୍ଷରତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ୧୯୬୭ ମସିହାନୁ ଇ ଦିବସ୍ ପାଲନ୍ କରାଯାଏସି । ମୁନ୍‌ଷର୍ ଜୀବନ୍ ଆଉ ସାମୂହିକ୍ ବିକାଶ୍ ଲାଗି ଅର୍ଥନୀତିର୍ ବଡ଼ ଭୂମିକା ଥିବାର୍‌ନୁ ସାକ୍ଷରତାର୍ ଗୁରୁତ୍ୱ ବଢ଼ିଛେ । ଅପହଁଚ୍ ଇଲାକା, ଆଦିବାସୀ ଗାଁ ଆଉ ଶ୍ରମିକ୍‌ମାନ୍‌କୁ ସାକ୍ଷର୍ କର୍‌ବାର୍ ଲକ୍ଷ୍ୟ ନେଇକରି କେନ୍ଦ୍ର ସର୍‌କାର୍ ନବଭାରତ୍ ସାକ୍ଷରତା କାର୍ଯ୍ୟକ୍ରମ୍- ଉଲ୍ଲାସ୍ ମୁଲ୍ କରିଛନ୍ । ସାରା ଦେଶେ ୩ କୋଟି ୯୨ ହଜାର୍ ଶିକ୍ଷାର୍ଥୀ ଆଉ ୫୧ ଲାଖ୍ ୪ ହଜାର୍ ସ୍ୱେଚ୍ଛାସେବୀ ଇ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଛନ୍ । ଇଥର ଆନ୍ତର୍ଜାତୀୟ ସାକ୍ଷରତା ଦିବସ୍‌ର ବାର୍ତା ହେଉଛେ 'ଲୋକ୍‌ମାନେ, ପୁର୍‌ଥି ଆଉ ସମୃଦ୍ଧି ଲାଗି ସାକ୍ଷରତା' ।